## ଜଳସମ୍ପଦ ସଚିବଙ୍କ ହୀରାକୁଦ ବନ୍ଧର ସ୍ଥିତି ସମୀକ୍ଷା

# ଅକ୍ଟୋବରରୁ ୨ୟ ସ୍ପିଲ- ୱେ ନିର୍ମାଣ

ବୁର୍ଲା, ୨୧।୭(ନି.ପ୍ର): ହୀରାକୁଦ ବନ୍ଧର ପ୍ରସ୍ତାବିତ ଦ୍ୱିତୀୟ ତଥା ଅତିରିକ୍ତ ସ୍ପିଲ-ୱେ ନିର୍ମାଣ କାର୍ଯ୍ୟ ଆସନ୍ତା ଅକ୍ଟୋବରରୁ ଆରମ୍ଭ ହେବ। ୯ ମାସ ମଧ୍ୟରେ ଏହାକୁ ଶେଷ କରାଯିବ ବୋଲି ଜଳସଂପଦ ବିଭାଗର ସଚିବ ପ୍ରଦୀପ ଜେନା ସୂଚନା ଦେଇଛନ୍ତି। ଗୁରୁବାର ସେ ବୁର୍ଲା ଗସ୍ତ କରି ସ୍ଥିତି ସମୀକ୍ଷା କରିଛନ୍ତି। ସେ ସ୍ପିଲ-ୱେ ନିର୍ମାଣ ପାଇଁ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରିବା ସହିତ ଏ ସଂପର୍କରେ ବନ୍ଧ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଛନ୍ତି। ଏହା ପୂର୍ବରୁ ଗତ ମାର୍ଚ୍ଚ ୧୪ ତାରିଖରେ ସେଣ୍ଟ୍ରାଲ ୱାଟର କମିଶନ, ବିଶ୍ୱବ୍ୟାଙ୍କ ଓ ବନ୍ଧ ସୁରକ୍ଷା କମିଟିର ୧୨ ଜଣିଆ ପ୍ରତିନିଧି ଦଳ ବନ୍ଧ ପରିଦର୍ଶନ କରିଥିଲେ। ହୀରାକୁଦ ମାଟିବନ୍ଧର ସୁରକ୍ଷା ଓ ବନ୍ୟା ନିୟନ୍ତ୍ରଣ ପାଇଁ ଜଳ ନିଷ୍କାସନ କ୍ଷମତା ବୃଦ୍ଧି ପାଇଁ ଅତିରିକ୍ତ ସ୍ପିଲ ୱେ ନିର୍ମାଣ ପ୍ରସ୍ତାବ ଅଛି। ସେଣ୍ଟ୍ରାଲ ୱାଟର କମିଶନ ହୀରାକୁଦ ବନ୍ଧର ବନ୍ୟାଜଳ ନିଷ୍କାସନ କ୍ଷମତା ଅନୁଧ୍ୟାନ କଲା ପରେ ଅତିରିକ୍ତ ସ୍ପିଲ ୱେ ନିର୍ମାଣ କରି ବନ୍ୟାଜଳ ନିଷ୍କାସନର ହାର ଦେଢ଼ ଗୁଣ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗର ସଚିବ ଶ୍ରୀ ଜେନା ହୀରାକୁଦ ବନ୍ଧର ବାମ ଡାଇକ ପଟରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଅନୁଧ୍ୟାନ କରିଛନ୍ତି। ବିଶ୍ୱବ୍ୟାଙ୍କ ଏହି ଅତିରିକ୍ତ ସ୍ପିଲ ୱେ ନିର୍ମାଣ ପାଇଁ ୩୫୦ କୋଟି ଟଙ୍କା ମଞ୍ଜୁର କରିଥିବା ବନ୍ଧର ଅଧୀକ୍ଷଣ ଯନ୍ତ୍ରୀ ଇଂ ହରମୋହନ ପ୍ରଧାନ ସୂଚନା ଦେଇଛନ୍ତି । ପ୍ରଥମେ ମୁଖ୍ୟବନ୍ଧର ବାମ ପଟେ ଗାନ୍ଧୀ ମୀନାର ତଳେ ଅତିରିକ୍ତ ସ୍ପିଲ-ୱେ ପାଇଁ ଯାଗା ଚିହ୍ନଟ ହୋଇଥିଲା ମାତ୍ର ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆ(ଜିଏସ୍ଆଇ) ଏହି ଯାଗାର ମୃତ୍ତିକା ପରୀକ୍ଷା କଲା ପରେ ପଥୁରିଆ ସ୍ଥାନ ନପାଇ ଏହାକୁ ନାପସନ୍ଦ କରିଥିଲେ। ଫଳରେ ପୁଣି ବନ୍ଧର ଡାହାଣ ପଟେ ସ୍ପିଲ-ୱେ ନିର୍ମାଣ ପାଇଁ ଯାଗା ଚିହ୍ନଟ କରାଯାଇଛି। ଏହି ସ୍ଥାନ ଅନୁଧ୍ୟାନ ଓ ଜମି ଅଧିଗ୍ରହଣ ପ୍ରକ୍ରିୟା ସମୀକ୍ଷା କରିବାକୁ ଜଳସଂପଦ ସଚିବ ଶ୍ରୀ ଜେନା, ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଜାନକୀବଲ୍ଲଭ ମହାପାତ୍ର ଓ ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀ ବୁର୍ଲା ଆସିଛନ୍ତି ବୋଲି ଅଧୀକ୍ଷଣ ଯନ୍ତ୍ରୀ ଇଂ ପ୍ରଧାନ କହିଛନ୍ତି।

